**ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି**
**ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା**
**ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ,**
**(ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ)**
**ଭବାନୀପାଟଣା**

---

**ପତ୍ର ସଂ - ୪୭** **ସପ୍ତାହ- ୪୧** **ତାରିଖ- ୧୨.୧୦.୨୦୧୮**

## ପାଣିପାଗ ଭିତିକ କୃଷି ଉପଦେଶ - କଳାହାଣ୍ଡି ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୧୩.୧୦.୨୦୧୮ ୧୭.୧୦.୦୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୧୩.୧୦.୨୦୧୮ ରୁ ୧୭.୧୦.୦୨୦୧୮ ମଧ୍ୟରେ କଳାହାଣ୍ଡି ଜିଲ୍ଲା ମଧ୍ୟମ ରୁ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ସମଭାବନା ଅଛି,. ଏହି ସମୟ ରେ ଆକାଶ ସମ୍ପୂର୍ଣ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଦିଗରୁ ଘଣ୍ଟା ପ୍ରତି ୦୦୨-୦୦୩ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୨୮-୩୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୯-୨୦ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୯୦-୯୫ % ଓ ୬୧-୮୧ % ରହିବା ସମ୍ଭାବନା ଅଛି.

.

## ପାଣିପାଗ ଭିତିକ କୃଷି ଉପଦେଶ

ଆସନ୍ତା ୧୭.୧୦.୦୨୦୧୮ ମଧ୍ୟରେ କଳାହାଣ୍ଡି ଜିଲ୍ଲା ମଧ୍ୟମ ରୁ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ସମ୍ଭାବନା ଥିବାରୁ

- ବର୍ଷା ହେବା ସମ୍ଭାବନା ଥିବାରୁ ଜଳସେଚନ କରନ୍ତୁ ନାହିଁ.
- ବର୍ଷା ରେ କପା, ମକା, ହ୍ରଦ ଓ ଜଡ଼ା ଇତିଆଡ଼ି ଗାଡି ପଡ଼ିଥିଲେ ଗଛ କୁ ସିଧା କରି ମୂଳ କୁ ମାଟି ଟେକି ଦିଅନ୍ତୁ.
- ଧାନ ଫସଲ ଗର୍ଭ ଅବସ୍ଥାରେ ଥିଲେ ଜମି ରେ ୫ ସେମି ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ଓ ମଞ୍ଜି ପୁରଣ ଅବସ୍ଥା ରେ ଥିଲେ ଜମି ରେ ହାଲୁକା ଜଳସେଚନ କରନ୍ତୁ ଯେପରି ଜମି ଶୁଖିଲା ନ ହୁଏ.
- ପାକଳ ଧାନ ଜମି ରୁ ଜଳ ନିଷ୍କାସନ କରନ୍ତୁ.
- ଧାନ ଫସଲ ରେ କାନ୍ଦ ବିନ୍ଧା ପୋକ ଓ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଥିବାରୁ ଧ୍ୟାନ ଦିଅନ୍ତୁ.
- ବର୍ଷା ପାଣି ଧାନ ଜମି ରେ ବାନ୍ଧି ରଖନ୍ତୁ .
- ବର୍ଷା ପାଣି ଜଳ ଅମଳ ପ୍ରକଳ୍ପ ରେ ସଂଗ୍ରହ କରନ୍ତୁ.
- ଔଷଧ ସିଞ୍ଚନ ଜରୁରୀ ଥିଲେ ଷ୍ଟିକେର ମିଶାଇ ଔଷଧ ସିଞ୍ଚନ କରନ୍ତୁ.
-

**ଧାନ:**

- ମୁଖ୍ୟ ଜମି ରେ ଧାନ ଥୋଡ ବାହାରିବା ରୁ ମଞ୍ଜି ପାକଳ (୧୦-୧୨ ସପ୍ତାହ) ଅବସ୍ଥା ରେ ଅଛି.
- ରୁଆ ଧାନ ଗର୍ଭ ଅବସ୍ଥାରେ ମଧ୍ୟମ କିସମ ରେ ଏକରକୁ ୧୭ କିଲୋ ୟୁରିଆ ଓ ୧୨ କିଲୋ ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ.
- ବୁଣା ଧାନ ବର୍ତମାନ ୧୨-୧୩ ସପ୍ତାହ ଅବସ୍ଥା ରେ ଅଛି. ଜମି ରେ ପାଣି ନ ଥିଲେ ଜଳସେଚନ କରନ୍ତୁ.
- କାଣ୍ଡ ବିନ୍ଧା ପୋକ ନିଅନ୍ତ୍ରଣା ପାଇଁ ଏକରକୁ ୫୦ ମିଲି Flubendiamide କୁ ଏକ ଲିଟର ପାଣି ରେ ୦.୨୫ମିଲି କିମ୍ବା ୮୦ ମିଲି chlorantraniliprole କୁ ଏକ ଲିଟର ପାଣି ରେ ୦.୪ ମିଲି କିମ୍ବା ୪୦୦ ଗ୍ରାମ cartraphydrochloride କୁ ଏକ ଲିଟର ପାଣି ରେ ୨ଗ୍ରାମ ହିସାବ ରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ.

- ମାଟିଆ ଗୁଣ୍ଡି ପୋକ ନିଅନ୍ତ୍ରଣ ପାଇଁ ଜମି ରୁ ପାଣି ନିଷ୍କାସନ କରନ୍ତୁ ଓ ୨ ମିଟର ବ୍ୟବଧାନରେ ପାହି କରନ୍ତୁ ଯେପରି ସୂର୍ଯ୍ୟ କିରଣ ଗଛ ମୂଳ କୁ ପଡି ପାରିବ. ଏକରକୁ ୧୨୦ ଗ୍ରାମ pymetrozin ୫୦WG କୁ ଏକ ଲିଟର ପାଣି ରେ ୦.୬ ଗ୍ରାମ କିମ୍ବା ବୁପ୍ରଫେଜ୍ରୀନ ୨୫ SC ୪୦୦ମିଲି କୁ ଲିଟର ପାଣି ପ୍ରତି ୨ମିଲି କିମ୍ବା Flonicamid ୫୦WG ୮୦ ମିଲି କୁ ଏକ ଲିଟର ପାଣି ରେ ୦.୪ ଗ୍ରାମ ହିସାବ ରେ ମିଶାଇ ସିଞ୍ଚନ କରନ୍ତୁ.

**କପା:**

- କପା ବର୍ତମାନ ଫଳ ଧରିବାରୁ ପାକଳ ହେବା (୧୪-୧୬ ସପ୍ତାହ) ଅବସ୍ଥା ରେ ଅଛି.
- ବର୍ତମାନ କପା ରେ ଉକୁଣିଆ ପୋକ ଲାଗୁଥିବାରୁ ଏହାର ନିଅନ୍ତ୍ରଣା ପାଇଁ ଏକରକୁ ୪୦୦ ମିଳି ବୁପ୍ରଫେଜ୍ରୀନ ୨୫% ଏସ.ସି. କୁ ଏକ ଲିଟର ପାଣି ରେ ୨ ମିଲି ହିସାବରେ ମିଶାଇ ସିଞ୍ଚନ କରନ୍ତୁ.
- ପତ୍ର ପୋଡା ରୋଗ ନିଅନ୍ତ୍ରଣା ପାଇଁ Copper Oxychloride ୫୦୦ ଗ୍ରାମ  କୁ ଏକ ଲିଟର ପାଣି ରେ ୨.୫ ଗ୍ରାମ ସହିତ Streptocycline ୨୦ ଗ୍ରାମ କୁ ଏକ ଲିଟର ପାଣି ରେ ୦.୧ ଗ୍ରାମ ହିସାବ ରେ ମିଶାଇ ସିଞ୍ଚନ କରନ୍ତୁ.
- ବକ୍ର ବିନ୍ଧ ପୋକ ଗତି ବିଧି ଜାଣିବା ପାଇଁ ଏକରକୁ ୫ ଗୋଟି ସାଙ୍ଗ ଆକର୍ଷକ ଜନତା ଲଗାନ୍ତୁ.

**ହରଡ:**

- ହରଡ଼ ଫସଲ ବର୍ତମାନ ୧୩-୧୪ ସପ୍ତାହ ଅବସ୍ଥା ରେ ଅଛି.

**ମକା:**

- ମକା ବର୍ତମାନ ମଞ୍ଜି ପୁରଣ ରୁ ମଞ୍ଜି ପାକଳ ହେବା (୧୩-୧୫ ସପ୍ତାହ) ଅବସ୍ଥା ରେ ଅଛି.

**ଆଖୁ :**

- ଆଖୁ ବର୍ତମାନ ଅଂଗୀୟ ବୃଦ୍ଧି (୩୨-୩୪ ସପ୍ତାହ) ଅବସ୍ଥା ରେ ଅଛି. ଆଖୁ ରେ ଏହି ସମୟ ରେ କାଟି ପୋକ ଲାଗିବାର ସମ୍ଭାବନା ଅଛି. ଏହାର ନିଅନ୍ତ୍ରଣା ପାଇଁ ଏକର କୁ ୮୦ ମିଳି Imidacloprid ୧୭.୮ ଏସ. ଏଲ. କୁ  ଏକ ଲିଟର ପାଣି ରେ ୦.୪ ମିଲି ହିସାବ ରେ ମିଶାଇ ମିଶାଇ ସିଞ୍ଚନ କରନ୍ତୁ.

**ଚିନା ବାଦାମ:**

- ଚିନା ବାଦାମ ବର୍ତମାନ ଚିନା ବାଦାମ ବର୍ତମାନ ମଞ୍ଜି  ପାକଳ ରୁ ଅମଳ (୧୩-୧୪ ସପ୍ତାହ) ହେବ ଅବସ୍ଥା ରେ ଅଛି.

**ମାଛ ଚାଷ :**

- **ଏକ ଏକର ପୋଖରୀ ରେ ୧୦୦୦ କିଲୋ କଞ୍ଚା ଗୋବର ପକାନ୍ତୁ.**
- **ଗୋବର ପକାଇବା ର ୫ ଦିନ ପରେ ଏକରକୁ ୩୦କିଲୋ ଡ଼.ଏ. ପି. ସାର  ପକାନ୍ତୁ.**
- **ଏହାର ୩ ଦିନ ପରେ ଏକରକୁ ୨୦୦୦ ବର୍ଷକିଆ ଯାଆଁଳା କିମ୍ବା ୮୦୦୦ ମାଛ ମଞ୍ଜି ଯାଆଁଳା ଛାଡ଼ନ୍ତୁ.**

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**